## ସଂକ୍ଷେପରେ

### ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ପାଇଁ ବୈଠକ

**ଡାବୁଗାଁ, ୨୩।୧୨ (ଡି.ଏନ.ଏ.)-** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡ଼ଙ୍ଗରିଗୁଡା ଗ୍ରାମ ନିକଟସ୍ଥ ଆମ୍ବତୋଟା ମଧରେ ଥିବା ମା' ସମଲେଇ ବୁଢୀ ଠାକୁରାଣୀଙ୍କ ମନ୍ଦିର ସମ୍ପୂର୍ଣ୍ଣ ଓ ପ୍ରତିଷ୍ଠା କରିବା ନେଇ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଏକ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ବିଜୟ କୁମାର ବେହେରା, ଉପସଭାପତି ଚନ୍ଦ୍ର ଶେଖର ନିହାଲ, ସମ୍ପାଦକ ପ୍ରକାଶ ଚନ୍ଦ୍ର ପଣ୍ଡା, ସହ ସମ୍ପାଦକ ଜଳଧର ବିଶୋଇ, ଦୋଳ ବିଶୋଇ, କୋଷାଧକ୍ଷ ଆଶୁତୋଷ ଜେନା, ସଭ୍ୟ ପଲିତ ସୁନା, ଇଶ୍ୱର ନାୟକ, ରମେଶ ରାଓ, ପୁରୁଷୋତ୍ତମ ଜାନୀ, ସୁରୁ ଜାନୀ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶୋକସଭା

**ରାଇଘର,୨୩।୧୨(ଡି.ଏନ.ଏ)-** ସ୍ଥାନୀୟ ପଞ୍ଚାୟତ ସମିତି ଅନ୍ତର୍ଗତ ଡୁମରଡିହି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମଣିରାମ ଗଣ୍ଡଙ୍କ ବିୟୋଗରେ ସନାତନ ସ୍ମୃତି ସାହିତ୍ୟ ସଂସଦ, ରବୀନ୍ଦ୍ର ସ୍ମୃତି କଳା ପରିଷଦ ତରଫରୁ ଏକ ଶୋକସଭା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅଧାପକ ପରୀକ୍ଷିତ ସାହୁ, ଅଧାପକ ଦୀନବନ୍ଧୁ ନନ୍ଦୀ, ଶିକ୍ଷୟିତ୍ରୀ ମନୋରମା ମହାପାତ୍ର, ଶିକ୍ଷକ ବ୍ରଜ କିଶୋର ମାନସିଂ, ଲକ୍ଷ୍ମୀଧର ମହାନ୍ତି, ଅଭିରାମ ଲେଙ୍କା, ପ୍ରଣବ କିଶୋର ଦାଶ, ଗୋପାଳ ମୁଦୁଲି, ଗୋବିନ୍ଦ ଗଣ୍ଡ,ମାଖନ ଗଣ୍ଡ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାର ସ୍ମୃତିଚାରଣ କରିବା ସହିତ ତାଙ୍କର ସଦଗତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅର୍ପଣ ପରିବାରର ସହସମ୍ପାଦକ ଧନଞ୍ଜୟ ମଲ୍ଲ ପରିଚାଳନା କରିଥିଲେ।

■ ଜିଲା ସଦର ମହକୁମା ଡାକ୍ତରଖାନା ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ର

# ରୋଗୀ ଶୁଣିବାକୁ ପାଇବେ ଆଧାତ୍ମିକ ସଙ୍ଗୀତ

**ନବରଙ୍ଗପୁର,୨୩।୧୨(ବି.ପ୍ର.)**

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସର ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ର(ଏମସିଏଚ) କୋଠାରେ ରୋଗୀ ଓ ତାଙ୍କ ସମ୍ପର୍କିୟଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ରୋଗ ସମ୍ପର୍କରେ ଡାକ୍ତରଙ୍କୁ ଦେଖାଇବାକୁ ଆସୁଥିବା ରୋଗୀମାନେ ବସିବା ପାଇଁ ଚେୟାର ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିସହ ସାଉଣ୍ଡ ସିଷ୍ଟମ ଲଗାଯାଇଛି। ଏଥିରେ ଧିର ଧିର ସ୍ୱରରେ ବିଭିନ୍ନ ଅଧାତ୍ମିକ ସଙ୍ଗୀତ ସହ ମ୍ୟୁଜିକ ଅପେକ୍ଷାରତ ରୋଗୀ ଓ ସମ୍ପର୍କୀୟ ଶୁଣିବାକୁ ପାଇବେ । ରୋଗୀ ପଞ୍ଜିକରଣ କରିବା ପରେ ବସିବେ । ଏଲଇଡି ଟିଭିରେ ଟୋକନ ଗୁଡିକ କ୍ରମିକ ନଂ ଅନୁଯାଇ ଦେଖାଯିବ । ମାଇକ୍ରୋଫୋନ ଦ୍ୱାରା ରୋଗୀଙ୍କ ନାମ ଡକାଗଲେ ସେମାନେ ଆସି ଡାକ୍ତର, ବିଶେଷଜ୍ଞଙ୍କୁ ଚିକିତ୍ସା ପାଇଁ



ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ଦେଖା କରିବେ। ଡାକ୍ତରଖାନାରେ ଶୃଙ୍ଖଳା ରକ୍ଷା କରିବା ପାଇଁ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏହାକୁ ଜିଲାପାଳ ଅଜିତ କୁମାର ମିଶ୍ର ସୋମବାର ଉଦଘାଟନ କରିଛନ୍ତି । ଏସପି ନିତିନ କୁସଲକର, ସିଡିଏମଓ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ମୋ ସରକାର ଯୋଜନାରେ ଏହି ତ୍ୱରିତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହା ବ୍ୟତିତ ୬ଟି ଏଲଇଡି ଟିଭି ଲାଗିବ । ରୋଗୀ ଅପେକ୍ଷା କରିଥିବା ସ୍ଥାନରେ ଟିଭି ଦେଖିବା ସହ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ମଧ ବ୍ୟବସ୍ଥା ଗ୍ରହଣ କରାଯିବ । ଆଗକୁ ରୋଗୀଙ୍କ ବେଡ ନିକଟରେ ମଧ ମାଇକ୍ରୋଫୋନ ଲାଗିବ । କୌଣସି ଜରୁରୀ କାଳୀନ ପରିସ୍ଥିତିରେ ଡାକ୍ତରଙ୍କୁ ଯୋଗା ଯୋଗ କରିପାରିବେ । ସେହିଭଳି ଜିଲା ଡାକ୍ତରଖାନା ପରିସରରେ ୱାର୍ଡ ମାନଙ୍କରେ ମଧ ଚେୟାର ବ୍ୟବସ୍ଥା ସହ ମାକ୍ରୋଫୋନ ମାଧମରେ ଡକାଯିବା ବ୍ୟବସ୍ଥା ସହ ଟିଭି ମଧ ଲଗାଯିବାକୁ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀ ସନ୍ତୋଷ କୁମାର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହଭଳି ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଅସ୍ତ୍ରୋପଚାର ଗୃହ ଜିଲାପାଳ ଉଦଘାଟନ କରିଛନ୍ତି । ଡାବୁଗାଁ ଓ ପାପଡାହାଣ୍ଡି ବ୍ଲକରୁ ଗର୍ଭବତୀଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ପଠା ଯାଉଥିଲା ।



ଆଲୋକମାଳାରେ ସଜ୍ଜିତ ହୋଇଥିବା ଚର୍ଚ୍ଚ।

# ଖ୍ରୀଷ୍ଟମାସ୍ ପାଇଁ ସଜେଇ ହେଉଛି ଚର୍ଚ୍ଚ

**ତେନ୍ତୁଳିଖୁଣ୍ଟି,୨୩।୧୨(ଡି.ଏନ.ଏ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ଚର୍ଚ୍ଚ, ପ୍ରାର୍ଥନାଗୃହକୁ ଖ୍ରୀଷ୍ଟମାସ ପାଇଁ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ନିଜ ଗୃହକୁ ସଫା ସୁତୁରା କରିବା ସହ ଆଲୋକମାଲାରେ ସଜାଇବା ଆରମ୍ଭ କଲେଣି। ଖ୍ରୀଷ୍ଟିୟାନମାନେ ନୂତନ ପୋଷାକ , ସାଜସଜ୍ଜା ସାମଗ୍ରୀ କିଣୁଥିବାର ଦେଖିବାକୁ ମିଳୁଛି। ପରିବାର ସହ ଏହି ପର୍ବ ପାଳନ ପାଇଁ ବାହାରେ ରହୁଥିବା ଲୋକମାନେ ଗ୍ରାମରେ ପହଞ୍ଚିଗଲେଣି। ମାଝିଗୁଡାସ୍ଥିତ ହାଲେଲୁଇଆ ଚର୍ଚ୍ଚଠାରେ ବିଧବା, ବୃଦ୍ଧାବୃଦ୍ଧ, ଅନାଥଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ତିମିତି ଛିଞ୍ଚାଣି, ଚର୍ଚ୍ଚର ସଭାପତି ସୁବର୍ଣ୍ଣ ଛିଞ୍ଚାଣି, ରେଭ ବିଭୂଦତ୍ତ, ଲୁଥରକାନ୍ତ ଟ୍ରାକି ଯୋଗ ଦେଇ ବାଇବେଲ ପାଠ କରି ଗରିବ, ଅନାଥ ଓ ଅସହାୟଙ୍କୁ ସହାୟତା କରିବା ସ୍ୱର୍ଗପ୍ରାପ୍ତିର ଏକ ମାର୍ଗ ବୋଲି କହିଥିଲେ। ଖ୍ରୀଷ୍ଟମାସ ଅବସରରେ ବିଭିନ୍ନ ଚର୍ଚ୍ଚରେ ଯୁବକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି।

# ଗଳିତ ମୃତଦେହ ଉଦ୍ଧାର

**ଝରିଗାଁ,୨୩।୧୨(ସ୍ୱ.ପ୍ର)–**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଅନ୍ତର୍ଗତ ଗୋସାଇଁଧାରା ଜଳପ୍ରପାତ ତଳୁ ଗଳିତ ମୃତଦେହ ପୋଲିସ ସୋମବାର ଉଦ୍ଧାର କରିଛି। ଉମରକୋଟ ଅଞ୍ଚଳରୁ କିଛି ଯୁବକ ବଣ ଭୋଜି କରିବା ନେଇ ଗୋସାଇଁଧାରା ଜଳପ୍ରପାତକୁ ରବିବାର ଆସିଥିଲେ। ଭୋଜି ଖାଇବା ପରେ ସେମାନେ ଜଳପ୍ରପାତ ତଳକୁ ଯାଇଥିଲେ। କିଛି ଦୂରରେ ଦୁର୍ଗନ୍ଧ ହେଉଥିବାରୁ ସେଠାକୁ ଯାଇଥିଲେ। ପଥର ମଧରେ ରହିଥିବା ପାଣିରେ ଗୋଟିଏ ମୃତଦେହ ପଡିଥିବା ଦେଖିଥିଲେ। ଏହାପରେ ସେମାନେ ଉମରକୋଟ ଫେରି ଥାନାରେ ଖବର ଦେଇଥିଲେ। ସୋମବାର ସକାଳେ ଝରିଗାଁ ପୋଲିସ ଅଧିକାରୀ ନରେଶ କୁମାର ପ୍ରଧାନ, ଏସ୍‌ଆଇ ସନ୍ତୋଷ କୁମାର ମାଝୀ, ଅଗ୍ନିଶ୍ରମ ବିଭାଗ କର୍ମଚାରୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅଚିହ୍ନା ଗଳିତ ମୃତଦେହ ହୋଇଥିବାରୁ ମାଜିଷ୍ଟ୍ରେଟ୍ ତଥା ଭାରପ୍ରାପ୍ତ ତହସିଲଦାର ଚିନ୍ମୟ କୁମାର ସାଗରଙ୍କ ଉପସ୍ଥିତିରେ ନବରଙ୍ଗପୁରରୁ ଆସିଥିବା ଡାକ୍ତର ବ୍ୟବଚ୍ଛେଦ କରିଥିଲେ । ଏହା ପ୍ରାୟ ୧୦ରୁ ୧୨ ଦିନର ମୃତଦେହ ହୋଇଥିବା ମୃତଦେହ ବ୍ୟବଚ୍ଛେଦ କରିବାକୁ ଆସିଥିବା ଡାକ୍ତର କହିଛନ୍ତି। ଝରିଗାଁ କିମ୍ବା ନିକଟ କୌଣସି ଥାନାରେ ଏହି ଦିନ ମାନଙ୍କରେ କେହି ନିଖୋଜ ହୋଇନଥିବା ପୋଲିସ ପ୍ରକାଶ କରିଛି।

# ବ୍ରାହ୍ମଣ ସମାଜର ବନବିହାର କାର୍ଯ୍ୟକ୍ରମ

**ଚନ୍ଦାହାଣ୍ଡି, ୨୩।୧୨(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବ୍ରାହ୍ମଣ ସମାଜର ବନବିହାର କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ସମାଜ ସଭାପତି ଧୃତିବାହାନ ଖମାରୀ, ଉପସଭାପତି ଭାଗୀରଥି ରଥ, ସମ୍ପାଦକ ନିଳକଣ୍ଠ ଦାଶ ପ୍ରମୁଖ ଯୋଗ ଦେଇ ଥିଲେ। ଏହି ଅବସରରେ ବ୍ରାହ୍ମଣମାନଙ୍କ ପାଇଁ ପୁରାଣ ଉପରେ କାର୍ଯ୍ୟବେଶିତ କୁଇଜ କାର୍ଯ୍ୟକ୍ରମ କରାଯାଇଥିଲା । କୁନି ପିଲାମାନଙ୍କ ନାଚ ଓ ଗୀତରେ ପରିବେଶର ଶୋଭା ଦ୍ୱିଗୁଣିତ କରିଥିଲା । ମହିଳାମାନଙ୍କ ମଧରେ ଏକ ମ୍ୟୁଜିକ



ଉପସ୍ଥିତ ବ୍ରାହ୍ମଣ ସମାଜର ସଦସ୍ୟା ,ସଦସ୍ୟ।

ଚେୟାର ପ୍ରତିଯୋଗିତା କରାଯାଇଥିଲା । କୃତୀ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା । ମହିଳାମାନଙ୍କୁ ନେଇ ଏକ କୋଡିଏ ଜଣିଆ ଦୁର୍ଗାବାହିନୀ ଗଠନ କରାଯାଇଥିଲା । ସମାଜର ସମସ୍ତ ସଦସ୍ୟା ସଦସ୍ୟ ଏକତା ଓ ଶୃଙ୍ଖଳା ବଜାୟ ରଖି ସମାଜକୁ ଆଗେଇ ନେବାକୁ କିଶୋର କୁମାର ଖମାରୀ କହିଥିଲେ। ଆଗାମୀ ଦିନରେ ବ୍ରାହ୍ମଣ ସମାଜ ଗୃହ ଉଦଘାଟନ ଅବସରରେ ଏକ ବିରାଟ ବନ୍ଧୁମିଳନ କାର୍ଯ୍ୟକ୍ରମ ସହ ବିଭିନ୍ନ ଜିଲାର ବ୍ରାହ୍ମଣ ସମାଜର ବନ୍ଧୁମାନଙ୍କୁ ଆମନ୍ତ୍ରଣ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । ସାମାଜିକ କର୍ମୀ ପ୍ରମୋଦ କୁମାର ପାଢୀ ଏବଂ ବିଶ୍ୱରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରୋଜ କୁମାର ଅଗସ୍ତି ଓ ପ୍ରଦୀପ କୁମାର ଅଗସ୍ତି ସମାଜଭବନ ପାଇଁ ଜମି ଦାନ କରିଥିବାରୁ ତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । କୈଳାସ ମହାପାତ୍ର, ପ୍ରଦୀପ ପାଢି, ସୁରେଶ ଖମାରୀ, ସରକୁ ମୁଣ୍ଡ, ନନ୍ଦ ମୁଣ୍ଡ, ତ୍ରିନାଥ ଦାଶ, ପ୍ରଦୀପ ଦାଶ, ବିଶିକେଶନ ପାଢି, ଗୀତାଞ୍ଜଳି ଆଚାର୍ଯ୍ୟ, ଶିବାନୀ ଖମାରୀ, ସ୍ୱତି ଯୋଶି, ଯମୁନା ମୁଣ୍ଡ ପ୍ରମୁଖ ଯୋଗ ଦେଇଥିଲେ।



# ଶୀତ ପ୍ରବାହ ପାଇଁ ସତର୍କତା

DSPL-208

- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ ଏବଂ ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ଓ ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ଯଥା- ସ୍ୱେଟର, ଟୋପି/ ମଫଲର ପିନ୍ଧନ୍ତୁ ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ ।
- ଜେନେରେଟର, କିରୋସିନି ଲଣ୍ଠନ କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ ଏବଂ ଶୋଇବା ପୂର୍ବରୁ ବନ୍ଦ କରି ଶୁଅନ୍ତୁ ।
- ଶୀତଦାଉରୁ ରକ୍ଷା ପାଇବା ପାଇଁ ରୁମ୍ ହିଟର, ପାଣି ଗରମ ପାଇଁ ଇମରସନ୍ ହିଟର ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିଲେ ସତର୍କତା ଅବଲମ୍ବନ କରନ୍ତୁ ।
- ରୋଷେଇ ସମୟରେ ଏବଂ ନିଆଁ ପୋଇଁବା ସମୟରେ ଚାଦର କିମ୍ବା ଅନ୍ୟ ଶୀତବସ୍ତ୍ର ଘୋଡେଇ ହୋଇଥିଲେ ଯଥାସମ୍ଭବ ସତର୍କତା ଅବଲମ୍ବନ କରନ୍ତୁ ।
- ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ । ଅତ୍ୟଧିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ ।
- ଖଳା ଏବଂ ଚାଳ ଘରେ ନିଆଁ ପୋଇଁବା ସମୟରେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥିବାରୁ ଉକ୍ତ ଜାଗାରେ ନିଆଁ ପୋଇଁବା ବର୍ଜନ କରନ୍ତୁ ।
- ନିଆଁ ପୋଇଁବା ବେଳେ ଛୋଟ ପିଲାଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ ଏବଂ ପରେ ନିଆଁକୁ ଠିକ୍ ଭାବରେ ଲିଭାନ୍ତୁ ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ । ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଘୋଡାଇ ରଖନ୍ତୁ ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।
- ଆପଣଙ୍କ ଅଞ୍ଚଳରେ ଶୀତ ପ୍ରବାହ ସମ୍ବନ୍ଧରେ ଜାଣିବା ପାଇଁ ଟି.ଭି., ରେଡ଼ିଓ ଓ ସମ୍ବାଦପତ୍ରରେ ଦିଆଯାଉଥିବା ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ ।

24007/13/0012/1920

ସଚେତନତା ଓ ସତର୍କତା ହିଁ ସୁରକ୍ଷା

OSDMA

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର

ଧରିତ୍ରୀ DHARITRI
ରାୟଗଡ଼ା, ମଙ୍ଗଳବାର, ୨୪ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### ପୌର କାର୍ଯ୍ୟାଳୟରେ ଖୋଲିଲା ମୋ ସରକାର ଡେସ୍କ



ରାୟଗଡ଼ା ଅଫିସ ,୨୩।୧୨:ରାୟଗଡ଼ା ପୌର କାର୍ଯ୍ୟାଳୟରେ ସୋମବାର ଖୋଲିଛି ମୋ ସରକାର ଡ଼େସ୍କ । ସହରାଞ୍ଚଳରେ ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନା ଅଧୀନ ୫-ଟି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ଜନ କୈନ୍ଦ୍ରିକ କରିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆରମ୍ଭ ହୋଇଛି ମୋ ସରକାର କକ୍ଷ । ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗ ଦେଇ ଏହି କକ୍ଷକୁ ଉଦ୍‌ଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସଚିଦାନନ୍ଦ ଶତପଥୀ ଉପସ୍ଥିତ ଥିଲେ । ସ୍ଥାନୀୟ ଲୋକେ ଏହି କକ୍ଷରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ବ୍ୟବସାୟିକ ଅନୁମତି ପତ୍ର , ଅଭିଯୋଗ ପର୍ଦ୍ଦ ଦାଏର କରିପାରିବେ। ଏଥିସହ ନିଜର ନାମ ପଞ୍ଜୀକରଣ କରାଯିବ । ଉକ୍ତ ଅଭିଯୋଗ ଦାଏର କରିଥିବା ବ୍ୟକ୍ତିଙ୍କୁ ସମାଧାନ ନେଇ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇ ପରାମର୍ଶ ଦିଆଯିବ ।

### ଚବିଶ କୁଣ୍ଡୀୟ ମହାଯଜ୍ଞ



ଜେକେପୁର,୨୩।୧୨(ଡ଼ି.ଏନ.ଏ): ଜେକେପୁରସ୍ଥିତ ଗୋଷ୍ଠୀ କେନ୍ଦ୍ରରେ ୩ ଦିନ ଧରି ଚାଲିଥିବା ଚବିଶ କୁଣ୍ଡୀୟ ମହାଯଜ୍ଞ ଶେଷ ହୋଇଛି । ଏଥିରେ ଉତ୍ତରାଖଣ୍ଡର ଶାନ୍ତିକୁଞ୍ଜରୁ ଆସିଥିବା ପଣ୍ଡିତମାନେ ଯୋଗ ଦେଇଥିଲେ । ମୁଖ୍ୟ ପଣ୍ଡିତ ପୂରଣ ଚନ୍ଦ୍ରକର ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ତାଙ୍କୁ ପଣ୍ଡିତ ପ୍ରମୋଦ ଭାଇ ଶୁକ୍ଳେଜି ଓ ଦେବ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ କୁମାରୀ ରିୟା ଜୋଷୀ, କୁମାରୀ ଅଞ୍ଜୁ, କୁମାରୀ ପଲ୍ଲବୀ ସହଯୋଗ କରିଥିଲେ । ଏଥିରେ କଳସଯାତ୍ରା, ଯଜ୍ଞ, ପ୍ରବଚନ,ସମୂହ ବ୍ରତୋପୟନ,ଦେବପୂଜା ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ରଜନୀକାନ୍ତ ମହାପାତ୍ର, ସନ୍ୟାସୀ ଚୈତନ୍ୟ ବାବା, ବାଳକୃଷ୍ଣ ପଣ୍ଡା, ରାଜେନ୍ଦ୍ର ସାହୁ,ଏନ. ନାଗେଶ୍ୱର ରାଓ, ସୁଧୀର ମିଶ୍ର ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ। ଜେକେ କାଗଜକଳର ବରିଷ୍ଠ ପ୍ରବନ୍ଧକ ସୁନୀଲ କୁମାର ନାଥ ଯୋଗ ଦେଇଥିଲେ ।

### ଜିମ୍ ଉଦ୍‌ଘାଟିତ



ଜେକେପୁର,୨୩।୧୨(ଡ଼ି.ଏନ.ଏ): ପ୍ରତ୍ୟେକ ଦିନ ବ୍ୟାୟାମ କଲେ ଶରୀର ସୁସ୍ଥ ରହେ। ଏଥିସହ ସୁନ୍ଦର ଚେହେରା ନେଇ ଯୁବ ଗୋଷ୍ଠୀ ମଧ୍ୟ ବେଶ୍ ସଚେତନ । ଏହାକୁ ନଜରରେ ରଖି ଜେକେପୁର ଦେବଦଳା ଗ୍ରାମରେ ଉଦ୍‌ଘାଟିତ ହୋଇଛି ଏକ ଜିମ୍। ଏହି କାର୍ଯ୍ୟକ୍ରମରେ ଜିଲା୧ ପରିଷଦ ସଭ୍ୟ ପି.ଗୌରୀଶଙ୍କର, ଜେକେ କାଗଜକଳର ଲୋକ ସମ୍ପର୍କ ଅଧିକାରୀ ସୁନୀଲ କୁମାର ନାଥ, ସିକ୍ୟୁରିଟି ବିଭାଗ ମୁଖ୍ୟ ଦିପକ ସାମଲ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ମିଥୁନ ଦଳାଇ, ପ୍ରଭାତ ସ୍ୱାଇଁ, କିଶୋରଚନ୍ଦ୍ର ପ୍ରଧାନୀ ଓ ପାର୍ଥସାରଥୀ ମହାନ୍ତିଙ୍କ ଦ୍ୱାରା ଏହା ଆୟୋଜିତ ହୋଇଥିଲା ।

### କୃଷି ପ୍ରଚାର ନେଇ ବାହାରିଲା ସଚେତନତା ରଥ



ଗୁଣପୁର,୨୩।୧୨(ଡି.ଏନ.ଏ):ରାୟଗଡା ଜିଲା ଗୁଣପୁର କୃଷି କାର୍ଯ୍ୟାଳୟ ପରିସରରେ କୃଷି ପ୍ରଚାର ନେଇ ଏକ ସଚେତନତା ରଥ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଏହି ରଥ ଗୁଣପୁର ବ୍ଳକର ବିଭିନ୍ନ ଅଞ୍ଚଳ ବୁଲି କୃଷି ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବ । କୃଷି ଅଧିକାରୀ ପ୍ରିୟନାଥ ପାତ୍ରଙ୍କ ସମେତ ମାସ୍‌ର କର୍ମକର୍ତ୍ତା ଥିଲେ ।

■ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ବିଷମକଟକ, ୨୩।୧୨(ଡି.ଏନ୍.ଏ.)

ରାୟଗଡା ଜିଲା ବିଷମ କଟକ ବ୍ଲକର ଚାଟିକୋଣା ସରପଞ୍ଚ ମନମୁଖି କାମ କରୁଥିବା ଅଭିଯୋଗରେ ସ୍ଥାନୀୟ ଲୋକେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିଲା। ମଙ୍ଗଳବାର ଏହାର ସମାଧାନ କରାଯିବ।

ସୂଚନା ଅନୁଯାୟୀ ସରପଞ୍ଚ ନିର୍ବାଚିତ ହେବା ଦିନଠାରୁ ପଞ୍ଚାୟତରେ କୌଣସି ଉନ୍ନୟନ କାର୍ଯ୍ୟ କରୁ ନାହାନ୍ତି। ଏଥିସହ ନିଜ ସମର୍ଥକଙ୍କ ସ୍ୱାର୍ଥ ସାଧନ ପାଇଁ ପଞ୍ଚାୟତର ଅର୍ଥ ବ୍ୟୟ କରୁଥିବା ନେଇ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଭରି ରହିଥିଲା। ଏହା ବିରୋଧରେ ସୋମବାର ସେମାନେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ଖବରପାଇ ବିଷମକଟକ ପୋଲିସ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିଲେ ସୁଦ୍ଧା ଲୋକେ ରାଜି ନ ହେବାରୁ ତାଲା ଖୋଲା ଯାଇପାରିନହିଁ । ମଙ୍ଗଳବାର ଉଭୟ ପକ୍ଷଙ୍କୁ ଡକାଯାଇ ସମସ୍ୟାର ସମାଧାନ ହେବ ବୋଲି ବିଷମକଟକ ଥାନା ଅଧିକାରୀ ସୂଚନା ଦେଇଛନ୍ତି।



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀ ଏକଜୁଟ୍ ହୋଇଛନ୍ତି ।

# ୨୦ ଅଭିଯୋଗ ଶୁଣିଲେ ଜିଲାପାଳ

ଜେକେପୁର, ୨୩।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ ସଦ୍‌ଭାବନା ପ୍ରକୋଷ୍ଠରେ ସୋମବାର ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗ ଦେଇ ୨୦ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ଓ ୨ଟି ସାମୂହିକ ଅଭିଯୋଗ ଥିଲା । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୩୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ଶ୍ରବଣ ବିବେକ ଏମ୍, ପି.ଡି, ଡିଆରଡିଏ ଅମ୍ରିତ ଋତୁରାଜ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ଏଡିଏମ୍‌ଓ ଏଲ୍.ଏନ୍. ପୃଷ୍ଟି, ଡିଏସ୍‌ଏସ୍‌ଓ ଆଦିପତି କଅଁର ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଲନରା ବିଡିଓ ତାପସ ଭୋଇ, ଏବିଡିଓ କେ. ଶିବ ଗୋପାଳରାଓ, ତହସିଲଦାର ମାନସୀ ନାଏକ, ଚିକିତ୍ସାଧିକାରୀ କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜି. ଶୈଳଜା, ଜିପିଇଓ ପଦ୍ମଚରଣ ପାଢ଼ୀ, ବିଏସ୍‌ଏସ୍‌ଓ ଶ୍ରୀକାନ୍ତ ପାଣିଗ୍ରାହୀ, ଡବ୍ଲ୍ୟୁଇଓ ସିଦ୍ଧାର୍ଥ କୁମାର ପଟ୍ଟନାୟକ,ଆରଡବ୍ଲ୍ୟୁଏସ୍‌ଏସ୍‌ଓ ଶ୍ରୀକାନ୍ତ ପାଣିଗ୍ରାହୀ, ଡବ୍ଲ୍ୟୁଇଓ ସିଦ୍ଧାର୍ଥ କୁମାର ପଟ୍ଟନାୟକ, ଆରଡବ୍ଲ୍ୟୁଏସ୍‌ଏସ୍ ଜେଇ ଶୁଭଦର୍ଶନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ୨ ଜଣଙ୍କୁ ନୂତନ ଭାବେ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା । ଶେଷରେ ଜିଲାପାଳ ନିକଟସ୍ଥ ଖମାସିଂ ଗାଁର ଛତୁଆ ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ କରି ଛତୁଆର ମାନ ଦେଖିଥିଲେ ।



ଅଭିଯୋଗ ଶୁଣାଣିରେ ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟମାନେ ।

# ଉତ୍କଳ ଆଲୁମିନା ପକ୍ଷରୁ ମକ୍‌ଡ୍ରିଲ



ଅଗ୍ନିଶମ କର୍ମଚାରୀମାନେ ମକ୍‌ଡ୍ରିଲ ପ୍ରଦର୍ଶନ କରୁଛନ୍ତି ।

ରାୟଗଡ଼ା ଅଫିସ, ୨୩।୧୨

ଡିଷ୍ଟ୍ରିକ୍ଟ କ୍ରାଇସିସ୍ ଗ୍ରୁପ(ଡିସଜି)ର ନିଷ୍ପତ୍ତିକୁ ପାଳନ କରି ଆଦିତ୍ୟ ବିର୍ଲା ଗ୍ରୁପ୍ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ୍ ଲିମିଟେଡ୍ (ୟୁଏଆଇଏଲ୍)ର ଆଲୁମିନା ରିଫାଇନାରୀ କାରଖାନାରେ ଏକ ମକ୍‌ଡ୍ରିଲ୍ କରାଯାଇଛି। ବିଭିନ୍ନ ପ୍ରକାର ଜରୁରୀକାଳୀନ ପରିସ୍ଥିତି ପାଇଁ କର୍ମଚାରୀଙ୍କୁ ପ୍ରସ୍ତୁତ ରଖିବା, ଶିଳ୍ପ ଦୁର୍ଘଟଣାରୁ ବଞ୍ଚିବା ସହ ଏହାକୁ ଏଡ଼ାଇବା ପାଇଁ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଫ୍ୟାକ୍ଟରୀ ଆଣ୍ଡ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ରଣଜିତ ନାୟକ, ରାୟଗଡ଼ା ଅଗ୍ନି ସୁରକ୍ଷା ଅଧିକାରୀ କେ ସୋମାନି, ଏଫ୍ ଆଣ୍ଡ ଏସ୍ ଏମ୍.ଡି. ଅଭେଶ, ଜେକେ କାଗଜକଳ ବରିଷ୍ଠ ଅଧିକାରୀ ଡି.କେ. ସାମଲ, ମୁଖ୍ୟ ସୁରକ୍ଷା ଅଧିକାରୀ ଆର୍‌ଆର୍ ବିଶ୍ୱାଳ, ପ୍ରବନ୍ଧକ(ସୁରକ୍ଷା) ଏ.କେ. ଖିଲୋ, ଡୋରାଗୁଡ଼ା ପୋଲିସ ଷ୍ଟେସନ ଏଏସ୍‌ଆଇ ନିରୀକ୍ଷକଭାବେ ଯୋଗ ଦେଇଥିଲେ। ୟୁଏଆଇଏଲ୍ ୟୁନିଟ୍ ମୁଖ୍ୟ ଏନ୍. ନାଗେଶ ମଧ ଉପସ୍ଥିତ ଥିଲେ। ପ୍ରାକ୍ ପ୍ରସ୍ତୁତି ଦ୍ୱାରା ଧନ ଜୀବନ ବଞ୍ଚାଇ ହେବ ବୋଲି ରଣଜିତ ନାୟକ କହିଛନ୍ତି। କମ୍ପାନୀର ଏହି ପଦକ୍ଷେପକୁ ଅତିଥିମାନେ ପ୍ରଶଂସା କରିଥିଲେ। ଜୟ ତିୱାରୀ ଧନ୍ୟବାଦ ଜଣାଇଥିଲେ।

## ରାୟଗଡ଼ା ଚିକିତ୍ସାଳୟରେ ଲାଗିଲା ୪୨ ସିସିଟିଭି କ୍ୟାମେରା

ରାୟଗଡ଼ା ଅଫିସ,୨୩।୧୨

ମୋ ସରକାର ଯୋଜନାରେ ସୋମବାର ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ କମ୍ପ୍ୟୁଟର,୪୨ ସିସିଟିଭି କ୍ୟାମେରା ଏବଂ ୨ ବାୟୋମେଟ୍ରିକ ମେଶିନ, ଆନାଉନ୍ସମେଣ୍ଟ ସିଷ୍ଟମକୁ ସୋମବାର ରାୟଗଡ଼ା ଜିଲାମୁଖ୍ୟ ଚିକିତ୍ସାଳୟରେ ଲଗାଯାଇଛି । ଜିଲାପାଳ ପ୍ରମୋଦ କୁମାର ବେହେରା ଏବଂ ଏସ୍‌ପି ଡ. ଶ୍ରବଣ ବିବେକ ଏମ ଉଦ୍‌ଘାଟନ କରିଥିଲେ । ଏଥିଲାଗି ୫ କମ୍ପ୍ୟୁଟରରେ ୫ କର୍ମଚାରୀ ରହିବେ । ମେଡ଼ିକାଲକୁ ଆସୁଥିବା ରୋଗୀଙ୍କ ପଞ୍ଜୀକରଣ କରିବା ସହ କେଉଁ ରୁମକୁ ଯିବେ ତାହା ଲିଖିତ ଭାବେ ରଖିବେ ରୋଗୀ ଉକ୍ତ ସ୍ଲିପ ନେଇ ଉପଯୁକ୍ତ ରୁମକୁ ଯିବେ । ଆନାଉନ୍ସମେଣ୍ଟ ସିଷ୍ଟମ ଦ୍ୱାରା ରୋଗୀ ଅଯଥାରେ ଲାଇନରେ ଠିଆ ନ ହୋଇ ବସିବେ । ତାଙ୍କ ନାମ ଏବଂ ନମ୍ବର ଡ଼ାକଗଲେ ସେ ଆସିବେ। ଏପରି ସବୁ ସୁବିଧା ଲୋକେ ପାଇବେ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି ।

# ସେଣ୍ଟ ଜାଭିୟର୍ସ ସ୍କୁଲରେ ବଡ଼ଦିନ ପାଳିତ

ରାୟଗଡ଼ା ଅଫିସ, ୨୩।୧୨

ରାୟଗଡ଼ା ସହର ଭାକୁରଗୁଡ଼ାସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବଡ଼ଦିନ ପାଳିତ ହୋଇଛି। ଫାଦର ବଚ୍ଚେଲୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ନାଚ, ଗୀତ, କୌତୁକ ପୋଷାକ ଓ ଶ୍ରେଣୀସଜ୍ଜା ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ପିଲାମାନେ ଅନାଥ ଆଶ୍ରମକୁ ଯାଇ ପୋଷାକ, ଶୀତବସ୍ତ୍ର, ପାଠ୍ୟ ଉପକରଣ ସହ ବିସ୍କୁଟ ଓ ଚକୋଲେଟ ଆଦି ବାଣ୍ଟିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧ୍ୟକ୍ଷା ସୁନୀତା ରାଓ, ପ୍ରଧାନଶିକ୍ଷକ ରମେଶ ପଟ୍ଟନାୟକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।



ଅତିଥିଙ୍କ ଗ୍ରହଣରେ ଛାତ୍ରୀ ଓ ଅନ୍ୟମାନେ ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଟେକ୍ ଫେଷ୍ଟ-୧ ଉଦ୍‌ଯାପିତ

ଗୁଣପୁର,୨୩।୧୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟଠାରେ ୩ ଦିନ ଧରି ଚାଲିଥିବା ଟେକ୍ ଫେଷ୍ଟ-୧ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଚେନ୍ନାଇସ୍ଥିତ ଏଚ.ସି.ଏଲ ବରିଷ୍ଠ ମାନବସମ୍ବଳ ଅଧିକାରୀ କଞ୍ଚନ ଖେଦକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ଦେଖି ଗବେଷଣାତ୍ମକ ଚିନ୍ତାଧାରା ଓ ରୂପାୟନର ପ୍ରସ୍ତୁତିକୁ ପ୍ରଶଂସା କରିଥିଲେ । ଜିଆଇଇଟି ବିଶ୍ୱବିଦ୍ୟାଳୟ ଉପସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡା , ମହାନିର୍ଦ୍ଦେଶକ ଡ.ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଡ.ଏନ.ଭି.ଜେ. ରାଓ, ପ୍ରିନ୍ସିପାଲ ଡ.କେ.ସେନ୍ଥିଲ କୁମାର ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ମଡେଲ ଫେଷ୍ଟ, ୱେଷ୍ଟ ଓ କ୍ରାଫଟ, ମେଗା ଷ୍ଟ୍ରକଚର ଏବଂ ଅଟୋ ଏକ୍ସପୋ ଭଳି ୧୦୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ହାଇଦ୍ରାବାଦସ୍ଥିତ ରାୟଟେକ୍ସ ଉପସଭାପତି ଅମତୁଲ ଅଲିଲୁବାନା ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ଓଡିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ନାଭ୍ୟା ଜାଇତି ଏବଂ ବଲିଉଡ ଗାୟକ ୟାସିର ଦେଶାଇ ପ୍ରମୁଖ ଯୋଗଦେଇ ଗୀତ ଗାଇଥିଲେ । ଅତିଥିଙ୍କ ଦ୍ୱାରା ଉତ୍ତମ ଛାତ୍ରୀଛାତ୍ର ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଶୁଭଜିତ ପ୍ରଧାନଙ୍କ ନେତୃତ୍ୱରେ ଅଧ୍ୟାପିକା,ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଉଦଘାଟନୀ ଉତ୍ସବରେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ ସଭାପତି ଏନ.ନାଗେଶ ମୁଖ୍ୟଅତିଥି, ବେଙ୍ଗୁଲରସ୍ଥିତ ଡିଆରଡିଓ ବୈଜ୍ଞାନିକ ଗନ୍ତାୟତ ଗୌଡ ସମ୍ମାନିତ ଭାବେ ଯୋଗ ଦେଇଥିଲେ। ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ଼ ଉପସଭାପତି ପ୍ରକାଶ ମିନା , ଜିଆଇଇଟି ବିଶ୍ୱବିଦ୍ୟାଳୟ ସଭାପତି ଡ.ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡ.ଚନ୍ଦ୍ରଧ୍ୱଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରାଯାଉଛି ।

# ଜାତୀୟ ଛତୁ ଦିବସ ପାଳିତ

ଗୁଣପୁର,୨୩।୧୨(ଡିଏନଏ)

ରାୟଗଡା ଜିଲା ଗୁଣପୁର ବ୍ଲକର ଘନାନ୍ତ୍ରୀ ଗ୍ରାମଠାରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସୋମବାର ଜାତୀୟ ଛତୁ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ଅଧୀନ କୃଷି ମହାବିଦ୍ୟାଳୟ ଛତୁ ବିଶେଷଜ୍ଞ ପ୍ରଫେସର କୈଳାସ ବିହାରୀ ମହାପାତ୍ର, ସହକାରୀ ପ୍ରଫେସର ସନ୍ଧ୍ୟାରାଣୀ ନନ୍ଦ, ଟେନସୀରାଣୀ ପ୍ରଧାନ, ତପନ କୁମାର ଗିରି, ଗୌରବ କୁମାର ଦାସ, ଶୁଭଶ୍ରୀ ଦାସ, ସହକାରୀ କୃଷି ଅଧିକାରୀ ପ୍ରିୟନାଥ ପାତ୍ର, ଗ୍ରାମ୍ୟ କୃଷି କର୍ମଚାରୀ ବିଳାସ ଘଣ୍ଟ, କ୍ଷେତ୍ର ପର୍ଯ୍ୟବେକ୍ଷକ ବାୟଜ ମଣ୍ଡଳ ପ୍ରମୁଖ ଯୋଗଦେଇ ଛତୁଚାଷ ଉପରେ କହିଥିଲେ । ଏହାଦ୍ୱାରା କିପରି ଚାଷୀ ଲାଭବାନ ହୋଇପାରିବ ସେନେଇ କହିଥିଲେ । ଘନାନ୍ତ୍ରୀ ଗ୍ରାମ ପଞ୍ଚାୟତ ସରପଞ୍ଚ ଜ୍ୟୋତିପ୍ରଭା ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ୬୦ଜଣ ଚାଷୀ ଏଥିରେ ଭାଗ ନେଇଥିଲେ ।

## ଟିକିରିରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ଟିକିରି,୨୩।୧୨(ଡି.ଏନ୍.ଏ.)

ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତ ସଦରସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାଶୀପୁର ଏବିଡିଓ ବଳରାମ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତହସିଲଦାର ସୌଭାଗ୍ୟ ବେହେରା, ସରକାରୀ କୃଷି ଅଧିକାରୀ ତିରୁପତି ସିନଦନ, ସିଡିପିଓ ସୌଦାମିନୀ ପାତ୍ର, ଟିକିରି ସରପଞ୍ଚ କୁମାରୀ ପଡିକା, ଦୁଡୁକା ବାହାଲ ସରପଞ୍ଚ ପାଟ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ତହସିଲଦାର ସୌଭାଗ୍ୟ ବେହେରା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ‘ବସୁନ୍ଧରା’ ଯୋଜନାରେ ଗରିବ ଭୂମିହୀନଙ୍କୁ ଜମି ଯୋଗାଇ ଦିଆଯାଉଛି ବୋଲି ସେ କହିଥିଲେ। ଆବାସ ଯୋଜନାରେ ଗୃହ ନିର୍ମାଣ କରୁଥିବା ହିତାଧିକାରୀଙ୍କ ପାଇଁ ରହିଥିବା ପ୍ରୋତ୍ସାହନ ରାଶି ମିଳିଥାଏ। ସେହିପରି ସରକାରୀ ଅନୁଦାନ ନେଇ ଜାଣିଶୁଣି ଘର କରୁ ନ ଥିବା ହିତାଧିକାରୀଙ୍କଠାରୁ ଆବଶ୍ୟକ ଶୁଳ୍କ ତହସିଲଦାରଙ୍କ ଅଦାଲତରେ କେସ୍ ଆଦାୟ କରାଯାଇପାରିବ ବୋଲି ଏବିଡିଓ ବଳରାମ ପାତ୍ର କହିଥିଲେ। ପଞ୍ଚାୟତଗୁଡିକରେ ପିଇଓମାନେ ନିୟମିତ ରହୁ ନ ଥିବା ଅଭିଯୋଗ ହୋଇଥିଲା। ବ୍ଲକରେ ଆବଶ୍ୟକ ସଂଖ୍ୟକ ପିଇଓ କାର୍ଯ୍ୟ କରୁ ନ ଥିବାରୁ ଏବିଡିଓ କହିଛନ୍ତି। ବ୍ଲକର ୨୪ ପଞ୍ଚାୟତ ପାଇଁ ମାତ୍ର ୧୬ ଜଣ ପିଇଓ ରହିଛନ୍ତି। ଦୁଇଟି ପଞ୍ଚାୟତରୁ ୯୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରେ ସରକାରୀ ଅଧିକାରୀ ଏମ୍. ଆଇ. ମନୋଜ ରଥ, ଏଲ୍.ଆଇ. କମଳଲୋଚନ ସାହୁ, ଡମ୍ବରୁଧର ନିମାଲ, ଟିକିରି ଆର୍‌ଆଇ, ଏବିଇଓ ନବୀନ ଖରା, ଜେଇ ନିରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ପାତ୍ର, ପାଟ ମାଝି ପ୍ରମୁଖ ଯୋଗ ଦେଇଥିଲେ। ଟିକିରି ପିଇଓ ସୁନିଲ ବ୍ରହ୍ମାଙ୍କ ସହିତ ପଞ୍ଚାୟତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ରିସ୍‌ମାସ ପାଇଁ ସଜେଇ ହେଲାଣି ରାୟଗଡ଼ା

ରାୟଗଡ଼ା ଅଫିସ, ୨୩।୧୨

■ ବଜାର ଚଳଚଞ୍ଚଳ

■ ଆଲୋକମାଳାରେ ଝଲସୁଛି ଚର୍ଚ୍ଚ

କ୍ରିସ୍‌ମାସକୁ ଆଉ ମାତ୍ର ଦୁଇ ଦିନ ବାକି। ଏଥିପାଇଁ ବଜାର ଏବେ ଚଳଚଞ୍ଚଳ। ସହର ଗଳିକନ୍ଦି ମଧ ଆଲୋକମାଳାରେ ସଜ୍ଜା ହୋଇଛି। ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ଘର ରଙ୍ଗୀନ ଆଲୁଅରେ ଝଲସୁଛି। ସେମାନଙ୍କ ଘର ସହ ଚର୍ଚ୍ଚରେ ବିଭିନ୍ନ ଆକାରର ତାରକା ଦେଖିବାକୁ ମିଳୁଛି। କ୍ରିସ୍‌ମାସ ସାଜସଜ୍ଜା ସାମଗ୍ରୀ ମିଳୁଥିବା ଦୋକାନରେ ଏବେ ଯଥେଷ୍ଟ ଭିଡ଼ ଜମୁଛି। କ୍ରିସ୍‌ମାସ ଟ୍ରି (ଗଛ), ବେଲ୍ ସହ ସାନ୍ତାକ୍ଲଜ ପୋଷାକ କିଣିବାକୁ ଲୋକଙ୍କ ଭିଡ଼ ଜମୁଛି। ଖ୍ରୀଷ୍ଟ ଧର୍ମ ବିଶ୍ୱାସୀଙ୍କ ଘରେ ଘରେ ଏବେ କେକ୍ ତିଆରି ଚାଲିଛି।

କ୍ରିସ୍‌ମାସ ପାଇଁ ସନ୍ଧ୍ୟା ବଜାରରେ ବେଶ୍ ଭିଡ଼ ଜମୁଛି। ଚ ପାଇଁ ନୂତନ ପୋଷାକ କିଣା ଚାଲିଛି। ବିଗତ ବର୍ଷଠାରୁ ଚଳିତ ବର୍ଷ ଭଲ ବ୍ୟବସାୟ ହେଉଛି ବୋଲି ଜଣେ ବ୍ୟବସାୟ କହିଛନ୍ତି। ଏଥିସହ ବଜାରରେ ମିଠା, କେକ୍, କାଜୁ ଓ କିସ୍‌ମିସ୍‌ର ମଧ ବେଶ୍ ଚାହିଦା ରହିଛି। ବିଭିନ୍ନ ଅନୁଷ୍ଠାନ ଓ ଗୀର୍ଜାରେ ସନ୍ଧ୍ୟା ଉପାସନା କରାଯାଉଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ସହ ବୟସ୍କଙ୍କ ନିମନ୍ତେ ଖେଳର ଆୟୋଜନ କରାଯାଉଛି। ୨୫ ତାରିଖ ଦିନ ପ୍ରଭାତରୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରାର୍ଥନା ସହ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ କରାଯିବ।



ବଡ଼ଦିନ ପାଇଁ ଦୋକାନରେ ଲୋକଙ୍କ ଭିଡ଼ ।

## ନାବାଳିକା ବଳାତ୍କାର ଓ ହତ୍ୟା ଘଟଣା।

# ଅଭିଯୁକ୍ତଙ୍କ ଗିରଫ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା

**ନବରଙ୍ଗପୁର,୨୩।୧୨(ବି.ପ୍ର.)**

କୋଷାଗୁମୁଡା ବ୍ଲକ ବାମୁଣି ପଞ୍ଚାୟତରେ ଜଣେ ନାବାଳିକା ଗଣ ବଳତ୍କାର ଓ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସୋମବାର ସନ୍ଧ୍ୟାରେ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ ଶୋଭାଯାତ୍ର ଅନୁଷ୍ଠିତ ହୋଇଯାଇଛି। ପୀଡିତା ପରିବାର ସଦସ୍ୟଙ୍କ ସମେତ ଜିଲା କଂଗ୍ରେସ କମିଟି, ନବରଙ୍ଗପୁର ଆଇନଜୀବୀ ସଂଘ, ସାଇକେୟାର ଏଜ୍ୟୁକେସନ ପକ୍ଷରୁ ସନ୍ଧ୍ୟାରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ସ୍ଥାନୀୟ ଶଦାଶିବ ତ୍ରିପାଠୀ ପାର୍କଠାରୁ ଆରମ୍ଭ ହୋଇ ପୁରୁଣା ଚର୍ଚ୍ଚ ନିକଟରେ ପହଞ୍ଚିଥିଲା। ମହିଳା ପୁରୁଷମାନେ ହାତରେ କ୍ୟାଣ୍ଡେଲ ଧରି ସହର ମଧରେ ନୀରବ ଶୋଭାଯାତ୍ରା କରିଥିଲେ। ଏଥିରେ ଜିଲା କଂଗ୍ରେସ କମିଟିର ସଭାପତି ମୁନା ତ୍ରିପାଠୀ, ଆଇନଜୀବୀ ସଂଘ ସଂପାଦକ ରାମ ପ୍ରସାଦ ପାତ୍ର , ପୂର୍ବତନ ମନ୍ତ୍ରୀ ଜନାବ ହାବିବୁଲ୍ଲା ଖାଁଙ୍କ ପରିବାର, ପୂର୍ବତନ ବିଧାୟକ ସଦନ ନାୟକ, ମହିଳା ସଭାନେତ୍ରୀ ପି. ନାଗାରତ୍ନାମା, ପିସିସି ସଦସ୍ୟ ସରୋଜ ପାତ୍ର, ନଗର କଂଗ୍ରେସ ସଭାପତି ଉତ୍ତମ ତ୍ରିପାଠୀ, ପୂର୍ବତନ ବ୍ଲକ ସଭାପତି ଧରମ ସିଂ, ଚନ୍ଦ୍ର ମଲ୍ଲୀ, କୁନା ପାଢୀ,ପ୍ରଭାତି ତ୍ରିପାଠୀ, ପ୍ରଣତି ତ୍ରିପାଠୀ, ସୁମିତ, ପରି ସାହୁ, ଅବଦ୍ଦୁଲ ଫିରୋଜ, ବାସୁଦେବ ପଟ୍ଟନାୟକଙ୍କ ସମେତ ସାଇ କେୟାର ଏଜୁକେସନ ଛାତ୍ରୀ ଛାତ୍ର ମାନେ ସାମିଲ ହୋଇଥିଲେ। କୋଷାଗୁମୁଡା ବ୍ଲକ ବାମୁଣି ପଞ୍ଚାୟତର ଜଣେ ନାବଳିକାକୁ ଗଣ ବଳତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜଡିତ ଅଭିଯୁକ୍ତମାନଙ୍କୁ ପୋଲିସ ଏ ପର୍ଯ୍ୟ଼ଂ ଗିରଫ କରିପାରି ନାହିଁ। ତେଣୁ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି ଜୋରଦାର ଚାଲିଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଆସନ୍ତା ୨୬ ତାରିଖରେ ଜିଲା ବନ୍ଦ ଡାକରା ଦେଇଛି। ସେହିଭଳି ଜିଲା ଆଇନଜୀବୀ ସଂଘ ପୂର୍ବରୁ ଅଭିଯୁକ୍ତମାନଙ୍କ ସପକ୍ଷରେ ମାମଲା ନଲଢିବା ପାଇଁ ସଂଘ ଘୋଷଣା କରିସାରିଛି।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**କୋଷାଗୁମୁଡା, ୨୩।୧୨ (ଡି.ଏନ.ଏ.)**



ଜିଲାପାଳଙ୍କୁ ଗ୍ରାମବାସୀ ଅଭିଯୋଗ ଜଣାଉଛନ୍ତି।

ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ର ସୋମବାର କୋଷାଗୁମୁଡା ବ୍ଲକ ମିନି ସମ୍ମିଳନୀ କକ୍ଷଠାରେ ଅଭିଯୋଗ ଶୁଣାଣି କରିଥିଲେ । ମୋଟ ୧୮ଟି ଅଭିଯୋଗରୁ ୧୪ଟି ନିଜସ୍ୱ ହୋଇଥିବାବେଳେ ୪ଟି ଗ୍ରାମବାସୀ ଅଭିଯୋଗ କରିଥିଲେ । ଚିର୍ମା ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ଲୋକେ ଜିଲାପାଳଙ୍କ ପାଖରେ ଅଭିଯୋଗ କରିଥିଲେ ଯେ ଚିର୍ମା ଗ୍ରାମର କେତେଜଣ ବ୍ୟକ୍ତି ସରକାରଙ୍କ ଜମିରେ ଜବରଦଖଲ କରି ଘର ତିଆରି କରିଛନ୍ତି ତାହାକୁ ଉଚ୍ଛେଦ କରାଯାଉ। ସେହି ଗ୍ରାମକୁ ଯାଇ ତଦନ୍ତ କରିବାକୁ ଉପଜିଲାପାଳ ଏବଂ କୋଡିଙ୍ଗା ତହସିଲଦାରକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ କୋଷାଗୁମୁଡା ଆହାର କେନ୍ଦ୍ରକୁ ଯାଇ ମଧାହ୍ନଭୋଜନ କରିଥିଲେ। ପରେ ଉକିଆପାଲି ପଞ୍ଚାୟତ ଯାଇ ଗୌଷ୍ଠୀ ଶୌଚାଳୟ ଦେଖିଥିଲେ। ଶିବିରରେ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବ୍ଲକ ସମ୍ମୁଖରେ ୫ଟ ଟ୍ରାଇ ସାଇକେଲ, ଗୋଟିଏ ହ୍ୱିଲ ଚେୟାର ଏବଂ ତିନିଜଣଙ୍କୁ ପେନସନ ବଣ୍ଟନ କରାଯାଇଥିଲା । ବ୍ଲକ ଅଧକ୍ଷା ଗୀତାମଣି ସମରଥ ଏବଂ ଉପାଧକ୍ଷ ପଦମସାଏ ମାଳି ଉପସ୍ଥିତ ଥିଲେ ।

## ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ

**ଖଇରା, ୨୩।୧୨(ଡି.ଏନ.ଏ.)**

ଖଇରା ଥାନା ଅଧୀନ ଗୋଳିହା ପଞ୍ଚାୟତ ଗୋଳିହାମାଧବ ଗ୍ରାମର ଭରତ ଦାସ (୨୮)ଙ୍କର ରବିବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଛି। ଭରତ ଅତ୍ୟଧିକ ମଦ୍ୟପାନ କରି ମୃତ୍ୟୁବରଣ କରିଥିବା ସ୍ତ୍ରୀ ତୁଳସୀ ଓ ତାଙ୍କ ବାପା କରୁଣାକର ପୋଲିସ ଆଗରେ ବୟାନ ଦେଇଛନ୍ତି। ପରିବାର ଲୋକଙ୍କ ବୟାନକୁ ଭିତ୍ତିକରି ଖଇରା ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ./୧୯) ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।



ବ୍ଲକ ଅଧକ୍ଷ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ସଂଗ୍ରାମୀ ରବିସିଂ ମାଝୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଡାବୁଗାଁ,୨୩।୧୨ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କୋଇଲାରୀ ଗ୍ରାମରେ ସଂଗ୍ରାମୀ ରବିସିଂ ମାଝୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦଘାଟିତ ହୋଇଯାଇଛି । ଏଥିରେ ଡାବୁଗାଁ ବ୍ଲକ ଅଧକ୍ଷ ବଂଶୀଧର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଉଦଘାଟନି ମ୍ୟାଚଟି ଡ଼ଙ୍ଗରିଗୁଡା ଓ ନୂଆଗୁଡା ଦଳ ମଧରେ ଖେଳାଯାଇଥିଲା। ଡ଼ଙ୍ଗରିଗୁଡା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୯୮ ରନ ସଂଗ୍ରହ କରିଥିଲା । ନୂଆଗୁଡା ଦଳ ୬୮ ରନ କରି ଅଲଆଉଟ ହୋଇଥିଲେ । ଫଳରେ ଡ଼ଙ୍ଗରିଗୁଡା ଦଳ ୩୦ ରନରେ ବିଜୟୀ ହୋଇଥିଲେ । ଏହି ଉଦଘାଟନ ସଭାରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ନୟନା ମାଝୀ, ବ୍ଲକ କଂଗ୍ରେସ ସଭାପତି ଜି. ସାଇରାଜୁ, କୋଇଲାରୀ ସରପଞ୍ଚ ଚନ୍ଦ୍ରୀ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟ କମିଟି ସଭାପତି ମୁନା ମାଝୀ, ଭକଚନ୍ଦ ମାଝୀ, ଭସମନ କଲାର, ସୁନାଧର ମାଝୀ, ମଣ୍ଡିଆ ମାଝୀ ଓ ଅନ୍ୟ ମାନେ ପରିଚାଳନା କରିଥିଲେ।







## ସାମାଜିକ ଓ ଆର୍ଥନୈତିକ ବିକାଶ ପ୍ରକଳ୍ପର କାର୍ଯ୍ୟକାରୀ କମିଟିର ବୈଠକ

# କୃଷି ଓ କୃଷକଙ୍କ ବିକାଶ ଉପରେ ଗୁରୁତ୍ୱାରୋପ

**ନବରଙ୍ଗପୁର,୨୩।୧୨(ବି.ପ୍ର)**

ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ ଠାରେ ବିଜ୍ଞାନ ଓ କାରିଗରୀ କୌଶଳ ମାଧ୍ୟମରେ ଜିଲାର ସାମାଜିକ ଓ ଆର୍ଥନୈତିକ ବିକାଶ ପ୍ରକଳ୍ପର ମଧବର୍ତ୍ତିକାଳୀନ କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲା ମୁଖ୍ୟ କୃଷି ଅଧିକାରୀ ୧୨ଟି ଗବେଷଣା ସଂସ୍ଥାର ଅଗ୍ରଗତି ରିପୋର୍ଟକୁ ଉପସ୍ଥାପନ କରିଥିଲେ । ଦେଶର ୧୨ଟି କୃଷି ବୈଜ୍ଞାନିକ ଗବେଷଣାର ସମସ୍ତ ମଡେଲକୁ କାର୍ଯ୍ୟକାରୀ କରିବା ଉପରେ ଜିଲାପାଳ ଅଜିତ କୁମାର ମିଶ୍ର ପରାମର୍ଶ ଦେଇଥିଲେ । ଖାଦ୍ୟ ପ୍ରକ୍ରିୟାକରଣ ତାଲିମ ନେଇ ଉଦ୍ୟୋଗୀଙ୍କୁ ବ୍ୟାଙ୍କ ଋଣ ଯୋଜନାରେ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । ସିମାପ ସଂସ୍ଥା ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଧୂପକାଠୀ ନବରଙ୍ଗପୁର ଭଳି ଅନ୍ୟ ସବୁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ଜିଲାର ସର୍ବାଙ୍ଗୀନ ଉନ୍ନତି ଦିଗରେ ଚେଷ୍ଟା କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ସ୍ୱାସ୍ଥ୍ୟ ସମନ୍ଧୀୟ ସମସ୍ୟାର ଦୂରିକରଣ ପାଇଁ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ଅଧିକ କ୍ରିୟାଶୀଳ କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି । ଜିଲାରେ ସାମିଲ ହୋଇଥିବା ଚାଷୀଙ୍କୁ ମଡେଲ କରାଇବା ସହ ସେମାନଙ୍କୁ ପ୍ରେରଣା ଯୋଗାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଆଖୁ ଚାଷୀଙ୍କ ଉନ୍ନତି ପାଇଁ ଉନ୍ନତ ମାନର ଗୁଡଭାଟି ଓ ଗୁଡ ତିଆରି ପଦାର୍ଥ ଯୋଗାଇବା ଦିଗରେ ପଦକ୍ଷେପ ନିଆଯିବ । ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା, ଲକ୍ଷ୍ମୀ ନାରାୟଣ ବକ୍ସି, ଉପ ପ୍ରକଳ୍ପ ନିର୍ଦ୍ଦେଶକ(ଆତ୍ମା) ର କମଳ ଲୋଚନ ନାୟକ ସମେତ କମିଟି ସଭ୍ୟ ତଥା ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଆର୍‌ଏସ୍‌ଏସ୍ ବିବେକାନନ୍ଦ ପ୍ରଭାତ ଶାଖାର ବାର୍ଷିକୋତ୍ସବ

**ନବରଙ୍ଗପୁର,୨୩।୧୨(ବି.ପ୍ର.)**

ଆରଏସ୍‌ଏସ୍ ବିବେକାନନ୍ଦ ପ୍ରଭାତ ଶାଖାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକ୍ତାଭାବେ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନଆଚାର୍ଯ୍ୟ ହୃଷିକେଶ ଦାଶ ଯୋଗଦେଇ ଆରଏସ୍‌ଏସ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଶାଖାର ଦୈନିକ ଶାରୀରିକ, ଯୋଗ, ବୌଦ୍ଧିକ ଓ ପ୍ରାର୍ଥନା ଦ୍ୱାରା ପ୍ରତ୍ୟେକ ସ୍ୱୟଂ ସେବକଙ୍କ ବିକାଶ ହୋଇ ପାରୁଛି ବୋଲି ସେ କହିଥିଲେ। ଏଠାରେ ଦେଶଭକ୍ତି ଶକ୍ଷା ଦିଆ ଯାଇଥାଏ। ସଂଘ କୌଣସି ଜାତି ଓ ଧର୍ମର ବିରୋଧୀ ନୁହେଁ। ସଂଘ ଦେଶ ତଥା ହିନ୍ଦୁ ସମାଜର ସୁରକ୍ଷା ପାଇଁ କାର୍ଯ୍ୟ କରୁଛି ବୋଲି ସେ କହିଥିଲେ। ମୁଖ୍ୟଅତିଥିଭାବେ ବ୍ୟାଙ୍କର ଜିଲା ନୋଡାଲ ଅଧିକାରୀ ରଶ୍ମୀରଞ୍ଜନ ରାଉତ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ କାମ କରିବାକୁ ମତ ଦେଇଥିଲେ। କୋରାପୁଟ ବିଭାଗ ସଂଘ ଚାଳକ ଡାକ୍ତର ବିପିନ ବିହାରୀ ମିଶ୍ର ଓ ନଗର କାର୍ଯ୍ୟବାହ ବାବୁଲା ଭତରା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଶାଖା ମୁଖ୍ୟ ଶିକ୍ଷକ ପ୍ରମୋଦ ରଥ, କାର୍ଯ୍ୟବାହ ବଳବୀର ସିଂ ପରିଚାଳନା କରିଥିଲେ। ବିନୋଦ ବେହେରା ଧନ୍ୟବାଦ ଦେଇଥିଲେ। ଏଥିରେ ନଗରର ଶତାଧିକ ସ୍ୱୟଂସେବକ ଯୋଗଦେଇ ବିଭିନ୍ନ ଶାରୀରିକ କୌଶଳ ପ୍ରଦର୍ଶନ କରିଥିଲେ।



## ସଂକ୍ଷେପରେ

### ପୋଖରୀରୁ ମିଳିଲା ବୃଦ୍ଧାଙ୍କ ମୃତଦେହ

ବୋରିଗୁମ୍ମା,୨୩।୧୨(ଡି.ଏନ୍.ଏ.): କୋରାପୁଟ ଜିଲା ବୋରିଗୁମ୍ମା ସ୍ଥାନୀୟ ଖଟ ପୋଖରୀରୁ ସୋମବାର ଅପରାହ୍ନରେ ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରାଯାଇଛି। କେତେକ ସ୍ଥାନୀୟ ଯୁବକ ପୋଖରୀକୁ ଯାଇଥିବା ବେଳେ ଗଳିତ ମୃତଦେହ ଭାସୁଥିବା ଦେଖି ଅଗ୍ନିଶମ ବିଭାଗ ଓ ପୋଲିସକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ଏହାର ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ପରେ ତଦନ୍ତ ଚଳାଇଛି। ଏଯାବତ୍ ମୃତ ବୃଦ୍ଧାଙ୍କ ପରିଚୟ ଜଣାପଡ଼ିନାହିଁ।

### ଓଲଟିଲା ବୋଲେରୋ




ଦଶମନ୍ତପୁର,୨୩।୧୨(ଡି.ଏନ୍.ଏ.): ସ୍ଥାନୀୟ ଦଶମନ୍ତପୁର ଥାନା ଅନ୍ତର୍ଗତ ଖାପରାବେଡ଼ା ଛକର ବୁଲାଣି ରାସ୍ତାରେ ବୋଲେରୋ (ଓଡି୧୮ଇ ୭୯୦୧) ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ମୁଜାଙ୍ଗ ପଞ୍ଚାୟତରେ ଥିବା ତେନ୍ତୁଳିଗୁଡ଼ା ଗ୍ରାମରୁ ଏକ ଶୁଭ କାର୍ଯ୍ୟରେ ଯୋଗଦେଇ ନିଜ ଗାଁ ମୁର୍କାର ପଞ୍ଚାୟତ ମାଲିଚେମାକୁ ଫେରୁଥିବା ବେଳେ ଖାପରାବେଡ଼ା ଛକରେ ଗାଡ଼ିଟି ବୁଲାଣି ରାସ୍ତାରେ କାଟି ନ ପାରି ଓଲଟି ପଡ଼ିଥିଲା। ଫଳରେ ଗାଡ଼ିରେ ଯାତ୍ରା କରୁଥିବା ୮ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ସମ୍ଧାରୁ ମୁଦୁଲି ଗୁରୁତର ରହିଛନ୍ତି। ଘଟଣାସ୍ଥଳରେ ପୋଲିସ ଓ ଜନସାଧାରଣ ଟ୍ରାକ୍ଟର ସାହାଯ୍ୟରେ ଆହତଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ସ୍ଥାନୀୟ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

### ଯୁବତୀଙ୍କୁ ବଳାତ୍କାର, ଯୁବକ ଗିରଫ

ଜୟପୁର,୨୩।୧୨(ଡି.ଏନ୍.ଏ.): କୋରାପୁଟ ଜିଲା ଜୟପୁର ସଦରଥାନା ପକ୍ଷରୁ ଯୁବତୀଙ୍କୁ ବାରମ୍ବାର ବଳାତ୍କାର କରିଥିବା ଅଭିଯୋଗରେ ସାନ ଡିମଳା ଗ୍ରାମର ସୁବାସ ସାହୁ (୨୫)ଙ୍କୁ ପୋଲିସ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛି। ଯୁବତୀ ଜଣକ ୫ ମାସର ଗର୍ଭବତୀ ରହିଛନ୍ତି । ଏନେଇ ସଦରଥାନାରେ ଗତ ୧୪ ତାରିଖରେ ଯୁବତୀଙ୍କ ଅଭିଯୋଗ କ୍ରମେ ବଳାତ୍କାର ଏବଂ ଧମକ ଦେବା ନେଇ ଦଫା ୩୭୬ ଏବଂ ୫୦୬ ଆଇପିସି ଅନୁଯାୟୀଏକ ମାମଲା ରୁଜୁ ହୋଇଥିଲା। ଘଟଣା ଅନୁଯାୟୀ ଅଭିଯୁକ୍ତଙ୍କ ଘରେ ଯୁବତୀ ଜଣକ କାର୍ଯ୍ୟ କରୁଥିଲେ। ଯୁବତୀଙ୍କୁ ଏକୁଟିଆ ଦେଖିବା ବେଳେ ଯୁବକ ତାଙ୍କୁ ବାରମ୍ବାର ଜୋରଜବରଦସ୍ତ ବଳାତ୍କାର କରୁଥିଲେ। ଏନେଇ ବାହାରେ ପ୍ରକାଶ କଲେ ହତ୍ୟା କରିବାକୁ ଧମକଚମକ ଦେଉଥିଲେ। ଥାନାରେ ମାମଲା ରୁଜୁ ହୋଇଥିବା ଜାଣିବା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। କିନ୍ତୁ ସୋମବାର ସେ ତାଙ୍କ ଗ୍ରାମକୁ ଆସିଥିବା ଖବର ପାଇ ପୋଲିସର ଏକ ଦଳ ଚଢ଼ାଉ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ସୀମା ପ୍ରଧାନ ପ୍ରକାଶ କରିଛନ୍ତି ।

### ସିଟିଜେନ କମିଟି ବୈଠକ

ଜୟପୁର,୨୩।୧୨(ଡି.ଏନ୍.ଏ.): ଜୟପୁର ସହରର ସିଟିଜେନ କମିଟିର ସାଧାରଣ ପରିଷଦ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଗତ ରବିବାର ଦାମାପୁଟ ଫାର୍ମ ହାଉସରେ ଅନୁଷ୍ଠିତ ହୋଇଛି। କମିଟିର ସଭାପତି ମୀନକେତନ ଦାଶଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ସହରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରଶାସନ, ପୌରସଂସ୍ଥା ଓ ଅନ୍ୟ ବିଭାଗକୁ ବାରମ୍ବାର ଲିଖିତ ଅନୁରୋଧ କରାଯାଇଥିଲା। କିନ୍ତୁ ପ୍ରଶାସନ, ପୌରସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଏସବୁ ଅଣଦେଖା ହୋଇ ଚାଲିଛି। ଏନେଇ ଆନ୍ଦୋଳନ ପାଇଁ ସାଧାରଣ ସଂପାଦକ ପଣ୍ଡିତ ଗୀତା ପ୍ରକାଶ ମିଶ୍ରଙ୍କ 'କର ବା ମର' ଆହ୍ୱାନକୁ ସମର୍ଥନ ଜଣାଇ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ସହରର ବିକାଶ ପାଇଁ ତାଙ୍କର ଅବିଚ୍ଛିନ୍ନ ଚେଷ୍ଟା ଜାରି ରହିବ ବୋଲି ସେ କହିଥିଲେ। ଏହି ଅବସରରେ ଏକ ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିଲା। ଶେଷରେ ଉପସଭାପତି ମଦନ ମୋହନ ନାୟକ ଧନ୍ୟବାଦ ଦେଇଥିଲେ।

■ ଧାନ ବିକ୍ରୟ କେନ୍ଦ୍ର ପଞ୍ଜିକାରୁ ବାଦ୍ ପଡ଼ିଲେ ବିହନ ନିଗମର ପଞ୍ଜିକୃତ ଚାଷୀ

# କାର୍ଯ୍ୟାଳୟରେ ଯୋଗାଣ ଅଧିକାରୀଙ୍କୁ ଘେରାଉ

ଜୟପୁର,୨୩।୧୨(ଡି.ଏନ୍.ଏ.)



ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଚାଷୀ ।

କୋରାପୁଟ ଜିଲାରେ ବିହନ ନିଗମରେ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୫୭ ଜଣଙ୍କ ନାମ ସରକାରଙ୍କ ଧାନ ବିକ୍ରୟ କେନ୍ଦ୍ର ପଞ୍ଜିକାରୁ ବାଦ୍ ପଡ଼ିଛି। ଏଭଳି ଅଭିଯୋଗ ନେଇ ୩୦ରୁ ଊର୍ଦ୍ଧ୍ୱ ଚାଷୀ ସୋମବାର ଜିଲା ଯୋଗାଣ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଘେରିଛନ୍ତି।

ଚାଷୀମାନେ ରାଜ୍ୟ ବିହନ ନିଗମରେ ନିଜକୁ ପଞ୍ଜିକୃତ କରିବା ସହ ସେମାନଙ୍କ ଧାନ ବିହନ ନିଗମକୁ ଦେଇଥାଆନ୍ତି। ଧାନର ମାନ ଓ ପ୍ରଜାତି ଅନୁସାରେ କୁଇଣ୍ଟାଲ ପିଛା ନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ ଟଙ୍କା ଦେଇଥାଏ ନିଗମ। ସେହିପରି ଧାନ ବିକ୍ରି ପାଇଁ ସରକାର ଧାନ ବିକ୍ରୟ କେନ୍ଦ୍ର (ମଣ୍ଡି) ମଧ୍ୟ କରିଛନ୍ତି, ଯେଉଁଠି ଚାଷୀ ନିଜର ଧାନ ବିକିଥାଏ। କିନ୍ତୁ ଚଳିତ ବର୍ଷ ଜିଲା ଯୋଗାଣ ବିଭାଗ ନିଗମରେ ପଞ୍ଜିକୃତ ୩୧୪ ଜଣ ଧାନଚାଷୀଙ୍କ ସୂଚୀ ଆଣିବା ସହ ଏହାର ଯାଞ୍ଚ କରିଥିଲା। ଏଥିରେ ପଞ୍ଜିକୃତ ହୋଇଥିବା ଜୟପୁର ଓ କୁନ୍ଦୁରା ବ୍ଲକର ୫୭ ଜଣ ଚାଷୀଙ୍କ ନାମ ଖାରଜ କରାଯାଇଛି। ଫଳରେ ସେହି ଚାଷୀମାନେ ଧାନ ବିକ୍ରି ପାଇଁ ଚିନ୍ତାରେ ପଡ଼ିଛନ୍ତି। ଏନେଇ ନିଗମର ପଞ୍ଜିକୃତ ଚାଷୀମାନେ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକଙ୍କୁ ଭେଟିଛନ୍ତି। ସେମାନେ ମାତ୍ର ୫ ଏକର ଜମିକୁ ନିଗମରେ ପଞ୍ଜିକୃତ କରିଛନ୍ତି। ଯେଉଁ ଚାଷୀଙ୍କ ୫ ଏକରରୁ ଅଧିକ ଜମି ରହିଛି, ସେମାନେ ଅବଶିଷ୍ଟ ଜମିରୁ ଅମଳ ଧାନକୁ କେଉଁଠି ବିକିବେ ବୋଲି ପ୍ରଶ୍ନ କରିଛନ୍ତି। ଧାନର ବିହନ ମାନ ଯାଞ୍ଚ କରିବା ପରେ ଯଦି ନିର୍ଦ୍ଧାରିତ ମାନଠାରୁ କମ୍ ଗ୍ରେଡରେ ହୋଇଥାଏ, ତେବେ ତାହାକୁ ନିଗମ ଖାରଜ କରେ। ଏଥିରେ ଚାଷୀ କ୍ଷତି ସହିଥାଏ। ଯୋଗାଣ ବିଭାଗ ବିନା ଯାଞ୍ଚରେ ଧାନ ବିକ୍ରି କେନ୍ଦ୍ରରୁ ଚାଷୀଙ୍କ ନାଁ କାଟିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ନିଗମକୁ ଧାନ ପ୍ରଦାନ ପରେ ବଳକା ଜମିର ଧାନ କିଣାଯିବା ପାଇଁ ଦାବି ହୋଇଛି। ସୋମବାର କାଳିଆଗାଁ ମଣ୍ଡିରେ ଧାନ ବିକ୍ରି ପାଇଁ ଘାଟବାଗରା ଗ୍ରାମର ଚାଷୀ ଶିବ ପ୍ରସାଦ ନନ୍ଦଙ୍କ ମୋବାଇଲକୁ ଟୋକନ ନମ୍ବର ସହ ମେସେଜ ଆସିଥିଲା। ସେ ମଣ୍ଡିକୁ ଧାନ ଆଣିବା ପରେ ସୂଚୀରୁ ତାଙ୍କ ନାମ କଟିଯାଇଥିବା କ୍ରୟକାରୀ ସଂସ୍ଥାଠାରୁ ଜାଣିବାକୁ ପାଇଲେ। ଏଭଳି ସବୁ ଅଭିଯୋଗ ଶୁଣିବା ପରେ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକ କହିଛନ୍ତି, ନିଗମଠାରୁ ସମସ୍ତ ଚାଷୀଙ୍କ ପଞ୍ଜିକୃତ ଜମିର ପରିମାଣ ତଥ୍ୟ ମଗାଯିବ। ଏନେଇ ସରକାରଙ୍କୁ ଅବଗତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ନିଗମରେ ପଞ୍ଜିକୃତ ଚାଷୀଙ୍କ ମଧ୍ୟରେ ଜୟନ୍ତ ପଟ୍ଟନାୟକ, ମନୋଜ ପାତ୍ର, ସଦାଶିବ ତ୍ରିପାଠୀ, କାହ୍ନୁ ସାମନ୍ତରାୟ, ଶିବ ନନ୍ଦ, ଜେ. ରମେଶ, ବିପ୍ରଚରଣ ପାଢ଼ୀ, ଗଙ୍ଗାଧର ପାଣିଗ୍ରାହୀ, ବୁଟୁ ସାହୁ, ଅଶ୍ୱିନୀ ଚୌଧୁରୀ ଉପସ୍ଥିତ ଥିଲେ।

# ୩୫ ଅଭିଯୋଗ ଶୁଣିଲେ ଜିଲାପାଳ

ଦଶମନ୍ତପୁର,୨୩।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ମଧୁସୂଦନ ମିଶ୍ର ୧୭ଟି ବ୍ୟକ୍ତିଗତ ଓ ୧୮ଟି ସାମୂହିକ ଅଭିଯୋଗର ଶୁଣାଣି କରିଛନ୍ତି। ଗିର୍ଲିଗୁମ୍ମା ପଞ୍ଚାୟତ ଫୁଣ୍ଡାଗୁଡ଼ା ଗାଁକୁ ସଂଯୋଗ କରୁଥିବା ପୁଡ଼ନଦୀ ପାର ହେବାବେଳେ ଅନେକ ଲୋକ ବିଶେଷ କରି ବହୁ ଗର୍ଭବତୀ ମହିଳାଙ୍କ ଜୀବନ ଯାଇଛି। ତେଣୁ ସେହି ନଦୀରେ ପୋଲ ନିର୍ମାଣ କରିବା ପାଇଁ ଆର୍‌ଡି ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାରହା ଶିକାରୀଙ୍କ ନାଁରେ ଥାନାରେ ତୁରନ୍ତ ଏତଲା ଦାୟର କରିବା, ଦଶମନ୍ତପୁର ବ୍ଲକରେ ଦେଶୀ ଓ ବିଦେଶୀ ମଦ କାରବାର ନିୟନ୍ତ୍ରଣ କରିବା, ବ୍ଲକ କାର୍ଯ୍ୟାଳୟ ଥିବା ସ୍ଥାନଟିକୁ ବ୍ଲକ ନାଁରେ ପଟ୍ଟା କରିବା ପାଇଁ ତହସିଲଦାର ଅଜୟ ପ୍ରକାଶ ତିର୍କିଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ମାଛପୁଟ ଗ୍ରାମର ମୋହନ ପାତ୍ର ଖୋସ୍ଲାଙ୍କ ଭିନ୍ନକ୍ଷମ ବଡ଼ଝିଅ ରୋଜ ଏଲିଜାବେଥ ଖୋସ୍ଲାଙ୍କୁ ବାଣିଶ୍ରୀ ଯୋଜନାରେ ସାମିଲ କରାଯିବା ପାଇଁ ନିର୍ଦ୍ଦେଶ ଦେବା ସହ ତାଙ୍କୁ ରେଡକ୍ରସ ପାଣ୍ଠିରୁ ୫୦୦୦ ଟଙ୍କାର ଚେକ୍ ପ୍ରଦାନ କରିଥିଲେ ଜିଲାପାଳ। ଅଞ୍ଚଳର ବିକାଶ ଓ ହିତାଧିକାରୀଙ୍କ ସୁବିଧା ପାଇଁ ଦୃଷ୍ଟି ଦେବାକୁ ସେ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, ଏସ୍‌ଡିପିଓ ବଳଭଦ୍ର ଦୀପ, ଜିଲା ଚିକିତ୍ସାଧିକାରୀ ମକରନ୍ଦ ବେଉରା, ବ୍ଲକ ଅଧ୍ୟକ୍ଷା ସୁନାମଣୀ ମୁଦୁଲି ଉପସ୍ଥିତ ଥିଲେ।



ଜିଲାପାଳ ଜଣେ ଭିନ୍ନକ୍ଷମଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି ।

# କୁକୁଡ଼ାଗାଳିରୁ ଧରାପଡ଼ିଲେ ୧୨ ଜୁଆଡ଼ି

**୧୬,୫୦୦ ଟଙ୍କା, ୯ ବାଇକ୍ ଜବତ**

କୁନ୍ଦୁରା,୨୩।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ପଖନାଗୁଡ଼ା କାଜୁ ବଗିଚାରେ ଚାଲିଥିବା କୁକୁଡ଼ାଗାଳିରେ ଅତର୍କିତ ଚଢ଼ାଉ କରିଛି ପୋଲିସ। ଥାନାଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ସେଠାରୁ ୧୨ ଜୁଆଡ଼ିଙ୍କୁ ଧରିବା ସହ ୯ ବାଇକ୍ ଜବତ କରିଛନ୍ତି। ଏହି ଅଞ୍ଚଳରେ ଦୀର୍ଘ ଦିନରୁ ଗାଳି ଚାଲୁଥବା ସତ୍ତ୍ୱେ ପୂର୍ବ ଥାନା ଅଧିକାରୀମାନେ ଏହାକୁ ଗୁରୁତ୍ୱ ଦେଉ ନ ଥିଲେ। ଥାନାଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ ଏହା ଉପରେ କଡ଼ା ପଦକ୍ଷେପ ନେଉଛନ୍ତି। କୋରାପୁଟ ଜିଲାର ବିଭିନ୍ନ ବ୍ଲକ ଅଧୀନରେ ରହିଥିବା ଥାନାଗୁଡିକ ଅଧୀନରେ କୁକୁଡ଼ା ଗାଳିରେ ଲକ୍ଷାଧିକ ଟଙ୍କାର ଜୁଆ ଖେଳାଯାଉଛି। ଦଲାଲମାନେ କୁକୁଡ଼ା ଗୋଡ଼ରେ କାତି ବାନ୍ଧି ଯୁଦ୍ଧ କରାନ୍ତି। ପ୍ରତି କୁକୁଡ଼ା ପିଛା ଗୋଟିଏ ଖେଳରେ ୨୦/୩୦ ହଜାର ଟଙ୍କା ଯାଏଁ ବାଜି ଲାଗେ। ଏଠାକାର ଲୋକେ କୁକୁଡ଼ାଗାଳି ଖେଳିବା ପାଇଁ ସୁନା, ଗାଡ଼ି ବନ୍ଧକ ରଖିଥାନ୍ତି। ସୋମବାର ମୁଖ୍ୟ ଦଲାଲ ଦୁହେଁ ଧରାପଡ଼ି ନ ଥିଲେ ମଧ୍ୟ ଉକ୍ତ ସ୍ଥାନରୁ ୧୬,୫୦୦ ଟଙ୍କା, ୯ଟି ମୋଟର ସାଇକେଲ ଜବତ ହୋଇଛି। ୧୨ ଜଣ ଜୁଆଡ଼ି ଧରାପଡ଼ିଥିବା ବେଳେ ୧୧୭/୧୯ରେ କେସ୍ ରୁଜୁ କରାଯାଇ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଛି ।

## କୁକୁଡ଼ାଗାଳିରେ ଚଢ଼ାଉ, ୬ ଗିରଫ

ବୈପାରୀଗୁଡ଼ା,୨୩।୧୨(ଡି.ଏନ୍.ଏ.)

ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଦଶମନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଧୌଡ଼ାଗୁଡ଼ା ଗ୍ରାମ ନିକଟରେ ସୋମବାର ସନ୍ଧ୍ୟାରେ କୁକୁଡ଼ା ଗାଳି ଚାଲୁଥିବା ଖବର ପାଇ ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ପୋଲିସ୍ ଚଢାଉ କରିଛି। ଘଟଣାସ୍ଥଳରୁ ୭ଟି କୁକୁଡ଼ା, ଗାଳି ପାଇଁ ବ୍ୟବହୃତ ୭ଟି ଛୁରୀ, ୩ଟି ବାଇକ୍, ୬ଟି ମୋବାଇଲ୍ ଓ ନଗଦ ୨ ହଜାର ୯୭୭ ଟଙ୍କା ପୋଲିସ୍ ଜବତ କରିଛି। ଗିରଫ ୬ ଅଭିଯୁକ୍ତ ହେଲେ ଗାଳି ଆୟୋଜକ ମୁଖ୍ୟ ଅଭିଯୁକ୍ତ ଧୌଡ଼ାଗୁଡ଼ା ଗ୍ରାମର କମଲୁ ବାରିକଙ୍କ ସମେତ ନୂଆଗୁଡ଼ା ଗ୍ରାମର ଧନ ସଗରିଆ, କେନ୍ଦୁପଡ଼ା ଗ୍ରାମର ଗୋବିନ୍ଦ ଦଳାଇ, କୁମ୍ଭାର ଗ୍ରାମର ଧନେଶ୍ୱର ସଗରିଆ, ପାଣ୍ଡ୍ରିଗୁଡ଼ା ଗ୍ରାମର ରାମଚନ୍ଦ୍ର ପଡିଆ ଏବଂ ଡାଲିଆଗୁଡ଼ା ଗ୍ରାମର ବିକ୍ରମ ବିଶୋୟୀ। ଏଠାରେ ସୂଚନାଯୋଗ୍ୟ ଯେ ଶୀତ ଋତୁରେ କେତେକ ଆଦିବାସୀ ଗ୍ରାମରେ କୁକୁଡ଼ା ଗାଳି ଆୟୋଜନ କରାଯାଇଥାଏ । ଉକ୍ତ ଗାଳିରେ ଗଞ୍ଜା କୁକୁଡ଼ା ଲଢେଇ କରାଯିବା ସହ ସେମାନଙ୍କ ଗୋଡ଼ରେ ତୀକ୍ଷଣ ଛୁରୀ ବନ୍ଧା ଯାଇଥାଏ । ଲଢ଼େଇବେଳେ ଛୁରୀ ଆଘାତରେ ଅନେକ କୁକୁଡ଼ା ଟଳି ପଡ଼ିଛନ୍ତି। କୁକୁଡା ଲଢେଇକୁ ନେଇ ଉଭୟ ପକ୍ଷ ଟଙ୍କା ବାଜି ଲଗାନ୍ତି। ବିଜୟୀ କୁକୁଡ଼ା ପକ୍ଷ ବାଜି ଟଙ୍କା ସହ ପ୍ରତିପକ୍ଷର ମୃତ କୁକୁଡ଼ା ଓ ଟଙ୍କା ନେଇଥାନ୍ତି। ଗାଳିସ୍ଥାନରେ ଖୁଡ୍‌ଖୁଡି ଖେଳ (ଜୁଆ) ସାଙ୍ଗକୁ ମାଦକ ଦ୍ରବ୍ୟ ବିକ୍ରି ହୋଇଥାଏ ।

## ପାନ ଦୋକାନରୁ ମଦ ଜବତ

ବୈପାରୀଗୁଡ଼ା,୨୩।୧୨(ଡି.ଏନ୍.ଏ.)

ବୈପାରୀଗୁଡା ପୋଲିସ ସୋମବାର କେନ୍ଦୁଗୁଡାଠାରେ ଏକ ପାନ ଦୋକାନରେ ଚଢାଉ କରି ସେଠାରେ ଚୋରାରେ ବିକ୍ରି ହେଉଥିବା ବିଦେଶୀ ମଦ ଜବତ କରିଛି। ଏଥିସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଲେ ପାନ ଦୋକାନୀ ପବିତ୍ର ଦଳେଇ। ଏନେଇ କେସ୍ ନଂ ୧୯୧/୧୯ରେ ମାମଲା ରୁଜୁ କରାଯାଇଛି।

# ବିଦ୍ୟୁତ୍ ସଂସ୍ପର୍ଶରେ ୨ ଆହତ

ପାରଳାଖେମୁଣ୍ଡି,୨୩।୧୨(ସ୍ୱ.ପ୍ର.)

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଜଣ ଆହତ ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ସୋମବାର ସକାଳେ ପାରଳାଖେମୁଣ୍ଡି ଉପକଣ୍ଠ ଝାମିଗାଁ ରାସ୍ତାକଡ଼ରେ ଗ୍ରାମର ସୁନୀତା ଲିମା ରୋଷେଇ ପାଇଁ ଜାଳେଣି କାଠ ସଂଗ୍ରହ କରୁଥିଲେ। ଏହି ସମୟରେ ଏକ କାଠ ସହ ବିଦ୍ୟୁତ୍ ସର୍ଭିସ୍ ଲାଇନ ସଂଯୋଗ ରହିଥିବାରୁ ମହିଳାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଏହି ସମୟରେ ଗ୍ରାମର ଲବ ବୀର ତାଙ୍କୁ ଉଦ୍ଧାର କରିବା ସମୟରେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଉଭୟଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

■ ଦିଲ୍ଲୀ ଦରବାରରେ କୋରାପୁଟ ଜିଲା ପୁରସ୍କୃତ

# ସଫଳତା ପଛର କଥା ରଖିଲେ ଜିଲାପାଳ



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟମାନେ ।

ସେମିଳିଗୁଡ଼ା,୨୩।୧୨(ସ୍ୱ.ପ୍ର.)

ଏମ୍‌ଜିଏନ୍‌ଆର୍‌ଇଜିଏସ୍, କୃଷି ପାଇଁ କୋରାପୁଟ ଜିଲା ଦିଲ୍ଲୀ ଦରବାରରେ ପୁରସ୍କୃତ ହୋଇଛି। ଜିଲାର ନନ୍ଦପୁର ବ୍ଲକ କସନ୍ଦୀ ପଞ୍ଚାୟତ ପେଦାଗାବା ଗ୍ରାମର ଚାଷୀ ଆଦର୍ଶ ବଗିଚା ପାଇଁ ଶ୍ରେଷ୍ଠ ମନୋନୀତ ହୋଇଥିଲେ। ଏଥିପାଇଁ କେନ୍ଦ୍ର ସରକାର ପ୍ରଦତ୍ତ ପୁରସ୍କାର ଗ୍ରହଣ କରିଥିବା ଖବରଦାତା ସମ୍ମିଳନୀରେ କହିଛନ୍ତି କୋରାପୁଟ ଜିଲାପାଳ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ମାନସ ରଞ୍ଜନ ଦେବତା କହିଛନ୍ତି, ଏହି ଆଦର୍ଶ ବଗିଚା କରି ବିଭିନ୍ନ ଫସଲ ଦ୍ୱାରା ଗ୍ରାମର ଚାଷୀ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହୋଇଛନ୍ତି। ଏପରିକି ନିଜ ଅମଳ ଫସଲର ପରିବହନ ପାଇଁ ସେମାନେ ଦୁଇଟି ଚାରିଚକିଆ ଗାଡ଼ି ମଧ୍ୟ କରିଛନ୍ତି। ଚେକ୍‌ଡ୍ୟାମ୍ କରି ଦୁଇ ପାର୍ଶ୍ୱରେ ପାଣିକୁ ଭାଗକରି ଗୋଟିଏ ଭାଗ ଚାଷ ଓ ଅନ୍ୟ ଭାଗ ନିଜ ବ୍ୟବହାରରେ ଲଗାଉଛନ୍ତି ଗ୍ରାମବାସୀ। ଲମତାପୁଟ ବ୍ଲକ ଫରେଷ୍ଟ ଲ୍ୟାଣ୍ଡରେ ଏହି ପାଣିକୁ ସଦ୍‌ବିନିଯୋଗ କରି ୧୦ ଏକରରେ ହେଉଥିବା କଫିଚାଷ ପାଇଁ ବ୍ୟବହାର କରାଯାଉଛି। କଫି ସହ ଗୋଲମରିଚ ଓ ଲବଙ୍ଗ ଚାଷ ମଧ୍ୟ ହେଉଛି। ଆମାଜନ ମାଧ୍ୟମରେ ସର୍ବଭାରତୀୟ ସ୍ତରରେ କୋରାପୁଟ କଫିର ପ୍ରସାର କରାଯାଉଛି। ନନ୍ଦପୁର ବ୍ଲକ କସନ୍ଦୀ ସରପଞ୍ଚ କହିଛନ୍ତି, ୨୦୧୭/୧୮ରେ ସେହି ଗ୍ରାମର ଚାଷୀ ପୋଡୁ ଚାଷ କରି ଗୁଜୁରାଣ କରୁଥିବା ବେଳେ ବର୍ତ୍ତମାନ ଏହି ଆଦର୍ଶ ବଗିଚା ଚାଷରେ ଗ୍ରାମର ୧୦୫ ପରିବାର ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। କୋରାପୁଟ ଜିଲାପାଳଙ୍କ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୋରାପୁଟ ଜିଲାପାଳ, ଅତିରିକ୍ତ ଜିଲାପାଳ, ନନ୍ଦପୁର ବିଡିଓ ଓ ଜିଲା ଲୋକ ସମ୍ପର୍କ ଅଧିକାରୀ ଉପସ୍ଥିତ ଥିଲେ।

# ଆନ୍ଧ୍ର-ଓଡ଼ିଶାର ଦୁଇ ବିଧାୟକ ଏକାଠି

■ସୀମାନ୍ତରେ ପୋଲ ନିର୍ମାଣ ପାଇଁ ଆଲୋଚନା

ସେମିଳିଗୁଡ଼ା,୨୩।୧୨(ସ୍ୱ.ପ୍ର.)

କୋରାପୁଟ ଜିଲା ଲମତାପୁଟ ବ୍ଲକ ଜଲାପୁଟ ଆନ୍ଧ୍ର ଅଞ୍ଚଳ ଆଇବିରେ ଆନ୍ଧ୍ର-ଓଡ଼ିଶାକୁ ସଂଯୋଗ କରିଥିବା ଭଙ୍ଗା ବ୍ରିଜର ନିର୍ମାଣ ପାଇଁ ଆରକୁ ବିଧାୟକ ଏବଂ ପଟାଙ୍ଗୀ ବିଧାୟକ ଏକାଠି ହୋଇଛନ୍ତି। ସେମାନଙ୍କ ମିଳିତ ଆନୁକୂଲ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ସେଥିରେ ମୋଚିଙ୍ଗପୁଟ ବ୍ଲକର ମଣ୍ଡଳ ଅଧିକାରୀ, ତହସିଲଦାର, ପଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ପୂର୍ବତନ ଚେୟାରମ୍ୟାନ ଗୋପାଳ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ରାମେଶ୍ୱର ଦୋରା, ଭଗବାନ ପେଟିଆ ଏବଂ ସେଇ ଅଞ୍ଚଳର କେତେକ ଅଧିବାସୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଉକ୍ତ ବ୍ରିଜ ପାଇଁ ଆବଶ୍ୟକ ଅର୍ଥ ପାଇଁ ଦୁଇ ବିଧାୟକ ନିଜ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ବ୍ରିଜର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଆଲୋଚନା ହୋଇଥିଲା। ଏହି ବ୍ରିଜ ନିର୍ମାଣ ହେବା ଦ୍ୱାରା ଦୁଇ ରାଜ୍ୟ ସଂଯୋଗ ହେବା ସହ ଉକ୍ତ ଅଞ୍ଚଳର ବିଭିନ୍ନ ଉନ୍ନତି ହେବ।



ଆଲୋଚନା ବୈଠକରେ ଆରକୁ ବିଧାୟକ ଓ ପଟାଙ୍ଗୀ ବିଧାୟକ ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଜୟପୁର,୨୩।୧୨(ନି.ପ୍ର.)

ଜୟପୁରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ୧୪ ଦିନ ଧରି ଚାଲିଥିବା ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଶିବ ପ୍ରସାଦ ଜେନାଙ୍କ ସଭାପତିତ୍ୱ ଓ ଆନ୍ଦ୍ରୀୟ ଶବରଙ୍କ ସଂଯୋଜନାରେ ଏହି ଶିବିର ଆୟୋଜିତ ହୋଇଥିଲା। ଅଧ୍ୟାପକ ମନୋରଞ୍ଜନ ପ୍ରଧାନ, ସୀମା ମହାପାତ୍ର, ବିବେକାନନ୍ଦ ସୁନା ଯୋଗଦେଇ ଛାତ୍ରୀଙ୍କୁ ଆତ୍ମସୁରକ୍ଷା କୌଶଳର ବିଭିନ୍ନ ଦିଗ, ପ୍ରାସଙ୍ଗିକତା ଉପରେ ମାର୍ଗଦର୍ଶନ କରାଇଥିଲେ। କାର୍ଯ୍ୟକ୍ରମ ଶେଷରେ ୧୨୧ ଜଣ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।




ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିମାନେ ।

# ପୁରୁଣା ଭାଙ୍ଗି ଗଢ଼ାହେବ ନୂଆ ଅଡିଟୋରିୟମ

ଜୟପୁର,୨୩।୧୨(ନି.ପ୍ର.)

**ପ୍ରତାପ ନାରାୟଣ ସିଂହଦେଓ ଅଡିଟୋରିୟମ**



■ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଭଙ୍ଗାଯିବ

■ନବନିର୍ମାଣ ଲାଗି ୧.୫ କୋଟି ଟଙ୍କାର ବଜେଟ୍

ଜୟପୁର ସହରରେ ଥିବା ପ୍ରତାପ ନାରାୟଣ ସିଂଦେଓ ଅଡିଟୋରିୟମ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୌରପରିଷଦ ଏହାକୁ ଭାଙ୍ଗି ନୂତନ ତଥା ଅତ୍ୟାଧୁନିକ ଅଡିଟୋରିୟମ ତିଆରି କରିବ। ଏଥିପାଇଁ ପ୍ରାୟ ୧ କୋଟି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ରାଜ୍ୟସ୍ତରୀୟ ଅଡିଟୋରିୟମରେ ପରିଣତ କରାଯିବ। ଏସି, ଉନ୍ନତ ସାଉଣ୍ଡ ସିଷ୍ଟମ, ଆକର୍ଷଣୀୟ ଚେୟାର ସହ ଅଡିଟୋରିୟମ ସମ୍ମୁଖରେ ପାର୍କିଂ ବ୍ୟବସ୍ଥା ପାଇଁ ପରିଷଦ ନିଷ୍ପତ୍ତି ନେଇଛି। ପୁରୁଣା ଅଡିଟୋରିୟମ ରକ୍ଷଣାବେକ୍ଷଣ ଅଭାବରୁ ଦୟନୀୟ ହୋଇପଡ଼ିଛି। ସୁରକ୍ଷା ଅଭାବରୁ ଏଠାରୁ ବହୁ ସମଗ୍ରୀ ଚୋରି ଯାଇଛି। ୨୦୧୦ରେ ଜୟପୁର ଘୋଡ଼ାଶାଳ ପଡ଼ିଆରେ ୮୦ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ ହୋଇଥିଲା। ଏଠାରେ ୧୨୫ଟି ଷ୍ଟିଲ ଚେୟାର ପଡ଼ିଥିବା ବେଳେ ୩୮୦ ଜଣ ଦର୍ଶକ ବସିବାର କ୍ଷମତା ଥିଲା। ୪୦ଟି ଫ୍ୟାନ, ୧୨ଟି ଏସି, ୨୦ଟି ସାଉଣ୍ଡ ବକ୍ସ ରହିଥିଲା। ପୌରସଂସ୍ଥା ନିର୍ମାଣ କରିଥିବା ଏହି ଅଡିଟୋରିୟମଟି ଦୂରଦୃଷ୍ଟି ଅଭାବ ଯୋଗୁ ଉଦ୍‌ଘାଟନର ବର୍ଷକ ଭିତରେ ଏହା ଧୀରେଧୀରେ ନଷ୍ଟ ହେବାକୁ ଆରମ୍ଭ କରିଥିଲା। ୨୦୧୪ରୁ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ପୌରସଂସ୍ଥା ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ କହିଛନ୍ତି, ଖୁବ୍ ଶୀଘ୍ର ଟେଣ୍ଡର କରାଯାଇ ଅତ୍ୟାଧୁନିକ ଅଡିଟୋରିୟମ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ହୋଇଛି।

